
# ସତ୍ୟବାକ୍ୟ

# THE WORD OF TRUTH



**ANUARY & FEBRUARY 2015**

An Oriya Bimonthly Bulletin
ublished by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.
CHURCH OF CHRIST
P.O. Box. No. 80, Kakinada
A.P. - 533 001.
Ph : 0884 - 2363722

**Vol.20.Jan & Feb - 2015. No-1**

**Published every two months in Oriya language for the Restoration of pure New Testament Christianity**

## All Spiritual Blessings Are in Christ (Ephesians 1:3)

Purpose: To emphasize the necessity of every person being "in Christ".

I. **Salvation is in Christ.**

A.

may also abtain the salvation which is in Christ Jesus v eternal glory" (2 Timothy 2:10). See also Aets 4:12.

1. Without Christ - Without hope (Ephesians 2:12).

2. Are you in Christ?

# ସତ୍ୟବାଣୀ

# VOICE OF TRUTH

**VOL - XX KAKINADA JAN-FEB-2015**


## ଆଦିମ ମଣ୍ଡଳୀର ସଫଳତାର କାରଣ

### (Why the early Church was successful)

ଖ୍ରୀଷ୍ଟଧର୍ମର ନିନ୍ଦକମାନେ ମଧ୍ୟ, ପ୍ରଥମ ଶତାବ୍ଦୀରେ ମଣ୍ଡଳୀର ଅଭିବୃଦ୍ଧି ଦେଖି, ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ବୈଦ୍ୟ ଲୂକ ଏ ବିଷୟରେ ଆପଣା ପୁସ୍ତକରେ ଲେଖିଅଛନ୍ତି,''ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହ୍ୟ କଲେ, ସେମାନେ ବାପ୍ତିଜିତ ହେଲେ, ଆଉ ସେହିଦିନ ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।'' (ପ୍ରେ.କା ୨:୪୧) । ''ତଥାପି ବାକ୍ୟ ଶୁଣିବା ଲୋକମାନଙ୍କ ସଂଖ୍ୟା ପ୍ରାୟ ପାଞ୍ଚ ସହସ୍ର ହେଲା ।'' (୪:୪) ''ପୁଣି, ଆହୁରି ଅଧିକ ଅନେକ ପୁରୁଷ ଓ ସ୍ତ୍ରୀ ବିଶ୍ୱସ କରି ପ୍ରଭୁଙ୍କ ସହିତ ସଂଯୁକ୍ତ ହେବାକୁ ଲାଗିଲେ ।'' (୫:୧୪) । ''......ଶିଷ୍ୟମାନଙ୍କର ସଂଖ୍ୟା ବୃଦ୍ଧି ପାଇଲା ।'' (୬:୧) । ''ଏଥି ଉତ୍ତାରେ ଈଶ୍ୱରଙ୍କ ବାକ୍ୟ ଅଧିକ ବ୍ୟାପିଗଲା ଏବଂ ଯିରୁଶାଲମରେ ଶିଷ୍ୟମାନଙ୍କ ସଂଖ୍ୟା ଅତିଶୟ ବୃଦ୍ଧି ପାଇବାକୁ ଲାଗିଲା ......'' (୬:୭) । ଯିରୁଶାଲମରେ ଶିଷ୍ୟମାନଙ୍କୁ ତାଡ଼ନା ଘଟିବା ପୂର୍ବେ, ଅଳ୍ପକୁ ଅଳ୍ପେ ଖ୍ରୀଷ୍ଟିୟାନମାନଙ୍କ ସଂଖ୍ୟା ୨୫,୦୦୦କୁ ବୃଦ୍ଧି ପାଇଥିଲା । ପ୍ରଥମ ଶତାବ୍ଦୀର ମଣ୍ଡଳୀ ଅଭିବୃଦ୍ଧିର ରହସ୍ୟ କଅଣ ? ଶହେ କୋଡ଼ିଏ ଭୟାଳୁ ଶିଷ୍ୟମାନଙ୍କ ଉଦ୍ୟମ ଏପରି ଭାବେ କିପରି ବୃଦ୍ଧି ପାଇ ପାରିଥିଲା। ଏହି ଅଭିବୃଦ୍ଧିର ଅନେକ କାରଣ ଅଛି । ସେଥି ମଧ୍ୟରୁ କେତୋଟି ନିମ୍ନରେ ଉଲ୍ଲେଖିତ କରାଯାଇଅଛି ।

**କ୍ରୁଶର ଛାୟାରେ ସୀମପ ସମୟ:** ସେମାନଙ୍କ ନିକଟତମ ବନ୍ଧୁ ଓ ନେତାଙ୍କ ନିଷ୍ଠୁର ମରଣ ସେମାନଙ୍କ ଦୃଷ୍ଟିରୁ ଏ ପର୍ଯ୍ୟନ୍ତ ଲିଭି ନ ଥିଲା । ଦୁଇମାସ ସମୟାବଧିରେ ସେମାନେ ମଣ୍ଡଳୀର ଅଭିବୃଦ୍ଧିରେ କାର୍ଯ୍ୟ କରିଥିଲେ ।

**ନିୟମିତ ଭାବେ ଆରାଧନା କରୁଥିଲେ :-** ଭାବବାଦୀ ଯିଶାଇୟଙ୍କ ସଦୃଶ୍ୟ (ଯିଶାଇୟ ୬:୧-୮) ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ନିୟମିତ ଭାବେ ପ୍ରାର୍ଥନା କରିବାର ଆବଶ୍ୟକତା ସନ୍ତୋଷ ଓ ଅଭିବୃଦ୍ଧି ବିଷୟରେ ଜ୍ଞାତ ଥିଲେ । ଅତି ଆଗ୍ରହ୍ୟ ସହ ଗୀତ ଗାଇବାରେ, ପ୍ରାର୍ଥନା କରିବାରେ, ଚାନ୍ଦା ଦେବାରେ, ବାକ୍ୟଧ୍ୟାନ କରିବାରେ ପ୍ରଭୁଭୋଜ ପାଳନ କରିବାରେ ନିମଗ୍ନ ରହୁଥିଲେ । ଯେଉଁମାନେ ମଣ୍ଡଳୀ ଆରାଧନାରେ ନିୟମିତ ଭାବେ ଯୋଗ ଦେବାରେ ଅବହେଳା କରୁଥିଲେ, ତାଡ଼ନା ଘଟିବା ସମୟରେ ମଣ୍ଡଳୀ ପରିତ୍ୟାଗ କରୁଥିଲେ । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ବିଷୟରେ କୁହାଯାଏ, ''ସେମାନେ ପ୍ରେରିତମାନଙ୍କ ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ ।'' (ପ୍ରେରିତ ୨:୪୨)

ପବିତ୍ର ଜୀବନଯାପନ କରୁଥିଲେ :- ଆପଣା ସମ୍ପତ୍ତି ବିକ୍ରୟ ମୂଲ୍ୟରୁ କିଛି ଲୁଚାଇ, କିଛି ପିତରଙ୍କ ପାଦତଳେ ରଖିବା ସ୍ୱାମୀ ଓ ଭାର୍ଯ୍ୟା, ହନନିୟ ଓ ଶଫୀରାଙ୍କ ଅକାଳ ମୃତ୍ୟୁରେ ମଣ୍ଡଳୀର ସମସ୍ତେ ଅତିଶୟ ଭୟଭୀତ ହୋଇଥିଲେ । (ପ୍ରେରିତ ୫:୧୧) ମଣ୍ଡଳୀର ଅଭିବୃଦ୍ଧି ଦେଖି ଅନେକ ପୁରୁଷ ଓ ସ୍ତ୍ରୀ ମଣ୍ଡଳୀରେ ସଂଯୁକ୍ତ ହେଲେ । ଆଧୁନିକ ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ଠାରେ ଭୟ ଓ ଭକ୍ତିରେ ଜୀବନଯାପନ କରିବା ଠାରୁ, ଅଧିକ ଭାବେ ସିଦ୍ଧାନ୍ତ ଉପରେ ଅଧିକ ପ୍ରାଧାନ୍ୟତା ଦେଉଅଛନ୍ତି । କିନ୍ତୁ ଖ୍ରୀଷ୍ଟିୟାନ ଜୀବନରେ ଦ୍ୱୟ ବିଷୟ ସମାନ ଭାବେ ପ୍ରମୁଖ ଅଟେ । ପବିତ୍ର ଜୀବନ ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟଙ୍କ ମଣ୍ଡଳୀର ମୁଖ୍ୟ ଲକ୍ଷ୍ୟ ଥିଲା ।

**ଈଶ୍ୱରଙ୍କ ବାକ୍ୟର ଶକ୍ତିକୁ ସମାଦର କଲେ :-** ସେମାନଙ୍କ ଅଭିବୃଦ୍ଧି ସେମାନଙ୍କ ସ୍ୱଚେଷ୍ଟାରେ ପ୍ରାପ୍ତ ହୋଇଥିଲା ବୋଲି ସେମାନଙ୍କ ବିଶ୍ୱାସ ନ ଥିଲା । ସେମାନେ ଆନନ୍ଦ ସହ ତାଡ଼ନା ସହ୍ୟ କରୁଥିଲେ । ସାହସ ସହ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରୁଥିଲେ । (ପ୍ରେରିତ ୪:୩୧, ୫:୪୧) ତାଡ଼ନା, କ୍ଳେଶ, କଷ୍ଟ ସମୟରେ

ଆହୁରି ଅଧିକ ଭାବେ ଦୃଢ଼ ସଂକଳ୍ପିତ ହୋଇ ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚାର କରିଥିଲେ । ଦୃଢ଼ ସଂକଳ୍ପିତ ଏହି ଖ୍ରୀଷ୍ଟୀୟ ଯୋଦ୍ଧାମାନେ ପରମେଶ୍ୱରଙ୍କ କ୍ଷେତ୍ରରେ ପରିଚାରକ ବୋଲି ଜ୍ଞାତ ହୋଇ, ପରମେଶ୍ୱରଙ୍କ ନିମନ୍ତେ କର୍ମ କରିଥିଲେ । ଏହି ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ସେମାନେ କେତେ ସୁନ୍ଦର ଆଦର୍ଶ !

***- Jerry Jenkins***

❋❋❋

## ପରମେଶ୍ୱରଙ୍କ ସନ୍ତୋଷ ପାତ୍ର ଯୀଶୁଖ୍ରୀଷ୍ଟ
**(God's beloved son Jesus Christ)**

ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହୋଇ ଯୀଶୁଖ୍ରୀଷ୍ଟ ଜଳରୁ ଉଠି ଆସିବା ସମୟରେ "ଆକାଶ ଉନ୍ମୁକ୍ତ ହେଲା, ପୁଣି ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, "ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ।" (ମାଥିଉ ୩:୧୬-୧୭) । ଯୀଶୁଖ୍ରୀଷ୍ଟ ଏହି ଜଗତରେ ଅବତରଣ କରିବା ପୂର୍ବେ ପିତାଙ୍କ ସହିତ ଥିଲେ । (ଯୋହନ ୧:୧) । ଏଦନ ଉଦ୍ୟାନରେ ଆମ୍ଭମାନଙ୍କ ଆଦି ପିତାମାତା ପରମେଶ୍ୱରଙ୍କ ଆଜ୍ଞା ଲଂଘନ କରିବା ସମୟରେ, ସଦାପ୍ରଭୁ ଏକ ପରିତ୍ରାଣକର୍ତ୍ତାଙ୍କୁ ସଦାପ୍ରଭୁ ଏକ ପରିତ୍ରାଣକର୍ତ୍ତାଙ୍କୁ ମାନବ ସମାଜ ନିମନ୍ତେ ପ୍ରତିଜ୍ଞା କରିଥିଲେ, "ଆଉ ଆମ୍ଭେ ତୁମ୍ଭର ଓ ନାରୀର ମଧ୍ୟରେ, ପୁଣି ତୁମ୍ଭ ବଂଶ ମଧ୍ୟରେ ବୈରଭାବ ଜନ୍ମାଇବା, ସେ ତୁମ୍ଭର ମସ୍ତକକୁ ଆଘାତ କରିବ ଓ ତୁମ୍ଭେ ତାହାଙ୍କ ଗୋଇଠିକି ଆଘାତ କରିବ ।" (ଆଦି ୩:୧୫) । ଆମ୍ଭମାନଙ୍କ ତ୍ରାଣକର୍ତ୍ତା, ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଏହି ଜଗତରେ ପରମ ପିତାଙ୍କ ସନ୍ତୋଷଜନକ ଜୀବନଯାପନ କରିଥିଲେ ।

ପୁରାତନ ନିୟମରେ ହେବଲ ପରମେଶ୍ୱରଙ୍କ ସନ୍ତୋଷଦାୟକ ଜୀବନ ଓ ସନ୍ତୋଷଦାୟକ ବଳି ଅର୍ପଣ କରିଥିଲେ । "......ସଦାପ୍ରଭୁ ହେବଲଙ୍କୁ ଓ ତାଙ୍କର ନୈବେଦ୍ୟକୁ ଗ୍ରାହ୍ୟ କଲେ ।" (ଆଦି ୪:୩) ହନୋକ ଶାରୀରିକ ମୃତ୍ୟୁ ଭୋଗ ନ କରି, ଅନ୍ତର୍ହିତ ହେଲେ, କାରଣ ଈଶ୍ୱର ତାଙ୍କୁ ଅନ୍ତର୍ହିତ କରିଥିଲେ । ସେ ଯେ ଈଶ୍ୱରଙ୍କ ସନ୍ତୋଷ ପାତ୍ର, ଅନ୍ତର୍ହିତ ହେବା ପୂର୍ବେ ସେଥିରେ ସାକ୍ଷ୍ୟ ପ୍ରାପ୍ତ ହେଲେ ।" (ଏବ୍ରୀ

୧୧:୫) । ''ଅନନ୍ତର ସଦାପ୍ରଭୁ ନୋହଙ୍କୁ କହିଲେ, ତୁମ୍ଭେ ସପରିବାରେ ଜାହାଜରେ ପ୍ରବେଶ କର, କାରଣ ଏହି କାଳର ଲୋକମାନଙ୍କ ମଧ୍ୟରେ ଆମ୍ଭେ ଆପଣା ସାକ୍ଷାତରେ ତୁମ୍ଭକୁ ଧାର୍ମିକ ଦେଖିଅଛୁ ।'' (ଆଦି ୭:୧) ଅବ୍ରାହମଙ୍କ ସନ୍ତୋଷଦାୟକ ଜୀବନ ସକାଶୁ ସେ ''ପରମେଶ୍ୱରଙ୍କ ମିତ୍ର'' ରୂପେ ଖ୍ୟାତ ହେଲେ । ତାହାଙ୍କ ଦ୍ୱାରା ଜଗତର ପ୍ରତ୍ୟେକ ଗୋଷ୍ଠୀ ଆଶୀର୍ବାଦ ପ୍ରାପ୍ତ ହୋଇଅଛନ୍ତି । ସେ 'ବିଶ୍ୱାସୀମାନଙ୍କ ପିତା' ଅଟନ୍ତି । ଇସ୍‌ହାକଙ୍କ ସନ୍ତୋଷଜନକ ଜୀବନ ଦ୍ୱାରା ସଦାପ୍ରଭୁ ତାହାଙ୍କୁ ଆଶୀର୍ବାଦ କରିଥିଲେ । ଯାକୁବଙ୍କ ଦ୍ୱାରା ଏହି ଜଗତର ସମସ୍ତ ଜାତି ଆଶୀର୍ବାଦ ପ୍ରାପ୍ତ ଅଟନ୍ତି । କାରଣ ତାହାଙ୍କ ବଂଶରୁ ଜଗତର ପରିତ୍ରାଣକର୍ତ୍ତା ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । ଯୋଷେଫଙ୍କ ସନ୍ତୋଷଜନକ ଜୀବନ ଦ୍ୱାରା ମିସର ଦେଶରେ ଆଧିପତ୍ୟ ପ୍ରାପ୍ତ ହୋଇଥିଲେ । ପରମେଶ୍ୱରଙ୍କ ସନ୍ତୋଷ ପାତ୍ର ମୋଶାଙ୍କ ବିଷୟରେ, ପବିତ୍ର ଧର୍ମଶାସ୍ତ୍ର କହେ,''....ମାତ୍ର ସଦାପ୍ରଭୁ ଯାହା ସଙ୍ଗେ ମୁଖାମୁଖି ଆଳାପ କରିଥିଲେ.....ପୁଣି ଆପଣା ସମସ୍ତ ବାହୁବଳ ଓ ମହାତ୍ରାସରେ ଯେ ସମସ୍ତ ଇସ୍ରାଏଲ୍ ଦୃଷ୍ଟିରେ କରିଥିଲେ, ସେସବୁ ବିଷୟରେ ମୋଶାଙ୍କ ସଦୃଶ୍ୟ ଆଉ କୌଣସି ଭବିଷ୍ୟଦ୍‌ବକ୍ତା ସେହି ଦିନାବଧି ଇସ୍ରାଏଲ୍ ମଧ୍ୟରେ ଉତ୍ପନ୍ନ ହୋଇ ନାହାନ୍ତି ।'' (ଦ୍ୱି.ବି. ୩୪:୧୦-୧୨) । ସଦାପ୍ରଭୁଙ୍କ ଦୃଷ୍ଟିରେ ସନ୍ତୋଷଜନକ ଜୀବନଯାପନ କରି, ''ସଦାପ୍ରଭୁଙ୍କ ମନର ମତ ବ୍ୟକ୍ତି'' ବୋଲି ସାକ୍ଷ୍ୟ ପାଇଅଛନ୍ତି । (ପ୍ରେରିତ ୧୩:୨୨) । ସେ ପ୍ରାର୍ଥନା କରି କହିଥିଲେ, ''ହେ ସଦାପ୍ରଭୁ, ମୋହର ଶୈଳ ଓ ମୋହର ମୁକ୍ତିକର୍ତ୍ତା, ତୁମ୍ଭ ଦୃଷ୍ଟିରେ ମୋ ମୁଖର ବାକ୍ୟ ଓ ମୋ' ଅନ୍ତଃକରଣର ଧ୍ୟାନ ସୁଗ୍ରାହ୍ୟ ହେଉ ।'' (ଗୀତ ୧୯:୧୪)

ଭାବବାଦୀ ଦାନିୟେଲ ପରମେଶ୍ୱରଙ୍କ 'ଅତ୍ୟନ୍ତ ପ୍ରିୟପାତ୍ର' ଥିଲେ । (ଦାନିୟେଲ ୯:୨୩,୧୦:୧୧ ଓ ୧୦:୧୯) । ଦାନିୟେଲ ଈଶ୍ୱରଙ୍କ ନିକଟରେ ସନ୍ତୋଷଦାୟକ ଜୀବନଯାପନ କରିଥିଲେ । ଯୀଶୁଖ୍ରୀଷ୍ଟ ପରମେଶ୍ୱରଙ୍କ ସନ୍ତୋଷପାତ୍ର ପୁତ୍ର ଅଟନ୍ତି । ସେ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ସମୟରେ ସଦାପ୍ରଭୁ ପ୍ରତ୍ୟକ୍ଷ ଭାବେ ଏହି ସାକ୍ଷ୍ୟ ଦେଇଥିଲେ । ମାଥିଉ ସୁସମାଚାର ୧୭ତମ ପର୍ବରେ ଯୀଶୁଖ୍ରୀଷ୍ଟ ରୂପାନ୍ତରିତ ହେବା ସମୟରେ ମେଘରେ ଏହି ବାଣୀ ହେଲା,''....ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର ।'' (ମାଥିଉ ୧୭:୫, ୧ମ ପିତର ୪:୧୭)

ଯୀଶୁଖ୍ରୀଷ୍ଟ ପିତା ପରମେଶ୍ୱରଙ୍କ ପ୍ରିୟ ପୁତ୍ର, କାରଣ (କ) ସେ ଈଶ୍ୱରଙ୍କ ଇଚ୍ଛା ପାଳନ କରିଥିଲେ । ସେ ଶମିରୋଣ ପ୍ରାନ୍ତରେ ସୁସମାଚାର ପ୍ରଚାର କରିବା ସମୟରେ

ଶିଷ୍ୟମାନଙ୍କୁ କହିଥିଲେ, "...ମୋହର ପ୍ରେରଣକର୍ତ୍ତାଙ୍କ ଇଚ୍ଛା ସାଧନ କରିବା ଓ ତାହାଙ୍କର କାର୍ଯ୍ୟ ସମାପ୍ତ କରିବା, ଏହା ହିଁ ମୋହର ଖାଦ୍ୟ ।" (ଯୋହନ ୪:୩୪) "....ମୁଁ ଆପଣାର ଇଚ୍ଛା ସାଧନ କରେ ନାହିଁ ।" (ଯୋହନ ୫:୩୦) । ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଆପଣା ସ୍ୱର୍ଗୀୟ ପିତାଙ୍କ ଇଚ୍ଛା ସାଧନ କରି, ତାହାଙ୍କ ସନ୍ତୋଷ ପାତ୍ର ହୋଇଥିଲେ । (ଯିଶାଇୟ ୫୦:୫, ଲୂକ ୨୨:୪୨, ମାର୍କ ୧୪:୩୬, ଯୋହନ ୧୫:୧୦)

ପ୍ରେରିତ ପାଉଲ, ଫିଲିପ ମଣ୍ଡଳୀକୁ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଲେଖନ୍ତି, "ସେ ଈଶ୍ୱରରୂପୀ ହେଲେ ହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ, କିନ୍ତୁ ମନୁଷ୍ୟ ସଦୃଶ୍ୟ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ, ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ, ହଁ କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି ।" (ଫିଲିପ ୨:୬-୯) । ଏବ୍ରୀ ପୁସ୍ତକ କର୍ତ୍ତା ତାହାଙ୍କ ବିଷୟରେ ଲେଖନ୍ତି, "ପୁତ୍ର ହେଲେ ହେଁ ଦୁଃଖ ଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।" (ଏବ୍ରୀ ୫:୮,୯)

ସ୍ୱର୍ଗୀୟ ପିତା ପରମେଶ୍ୱରଙ୍କ ସନ୍ତୋଷ ପାତ୍ର ହେବା ନିମନ୍ତେ ଆମ୍ଭେମାନେ ତାହାଙ୍କ ଆଜ୍ଞା ସକଳ ପାଳନ କରୁ । ସଦାପ୍ରଭୁ ପରମେଶ୍ୱର ଆପଣା ଇଶ୍ରାଏଲ ସନ୍ତାନମାନଙ୍କୁ ଆଜ୍ଞା ଦେଇଥିଲେ । "ହେ ଇସ୍ରାଏଲ, ମୁଁ ଯେ ଯେ ବିଧି ଓ ଶାସନ ପାଳନ କରିବା ପାଇଁ ତୁମ୍ଭମାନଙ୍କୁ ଆଜ୍ଞା ଦେଉଅଛି, ତହିଁରେ ମନୋଯୋଗ କର, ତାହା କଲେ ତୁମ୍ଭେମାନେ ବଞ୍ଚିବ...ସେହି ବାକ୍ୟରେ ତୁମ୍ଭେ କିଛି ମିଶାଇବ ନାହିଁ, କିଅବା ତହିଁରୁ କିଛି ଊଣା କରିବ ନାହିଁ...ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କର ସେହିସବୁ ଆଜ୍ଞା ପାଳନ କରିବ ।" (ଦ୍ୱି.ବି. ୪:୧-୨) । ଯୀଶୁଖ୍ରୀଷ୍ଟ ସ୍ୱର୍ଗାରୋହଣ ପୂର୍ବେ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଇ କହିଲେ, "ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।" (ମାଥିଉ ୨୮:୨୦)

ସ୍ୱର୍ଗୀୟ ପିତାଙ୍କ ସନ୍ତୋଷ ପାତ୍ର ହେବା ନିମନ୍ତେ ଆପଣାକୁ ନତ କରୁ । ପ୍ରେରିତ ପିତର ଖ୍ରୀଷ୍ଟିୟାନମାନଙ୍କୁ ଈଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ଆପଣା ଆପଣାକୁ

ନତ କରିବା ନିମନ୍ତେ ଉତ୍ସାହିତ କରନ୍ତି । (୧ମ ପିତର ୫:୮)'' ....ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୁତ ହୁଅ ।.....ଈଶ୍ୱର ଅହଂକାରୀମାନଙ୍କ ପ୍ରତିରୋଧ କରନ୍ତି ।'' (ଯାକୁବ ୪:୬, କଲସୀ ୩:୧୨)

ସ୍ୱର୍ଗୀୟ ପିତାଙ୍କ ସନ୍ତୋଷ ପାତ୍ର ହେବା ନିମନ୍ତେ, ତାହାଙ୍କୁ ଆତ୍ମା ଓ ସତ୍ୟରେ ଉପାସନା କରୁ । ''ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି ଆତ୍ମାରେ ଓ ସତ୍ୟରେ ଉପାନା କରିବା ସେମାନଙ୍କର ଉଚିତ ।'' (ଯୋହନ ୪:୨୪) ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁରଭାବେ ଆମ୍ଭମାନଙ୍କ ହୃଦୟରେ ବାସ କରୁ । (କଲସୀ ୩:୧୨) । ତାହାଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ସହ ହୃଦୟରେ ଗାନ କରୁ । (କଲସୀ ୮:୧୬, ଏଫିସୀ ୫:୧୯)

ସ୍ୱର୍ଗୀୟ ପିତାଙ୍କ ସନ୍ତୋଷ ପାତ୍ର ଯୀଶୁଖ୍ରୀଷ୍ଟ ନିରନ୍ତର ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ । (ମାର୍କ ୧:୩୫, ଲୁକ ୧:୩୫-୩୭, ମାର୍କ ୬:୪.୪୫) । ପରମେଶ୍ୱରଙ୍କ ସନ୍ତୋଷ ପାତ୍ର ହେବା ନିମନ୍ତେ ଆମ୍ଭେମାନେ ''ପ୍ରାର୍ଥନାରେ ଏକାଗ୍ର ଭାବେ ନିବିଷ୍ଟ ରହୁ (କଲସୀ ୩:୨, ପ୍ରେରିତ ୨:୪୨, ୧ମ ଥେସଲନୀକୀ ୫:୧୭) ଯୀଶୁଖ୍ରୀଷ୍ଟ ଏହି ଜଗତରେ ଗ୍ରାମେ ଗ୍ରାମେ ବୁଲି ଈଶ୍ୱରଙ୍କୁ ସୁସମାଚାର ପ୍ରଚାର କରି, ଶିକ୍ଷା ଦେଇ କହିଥିଲେ, ''ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ....ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ, ସେମାନଙ୍କୁ ଶିଷ୍ୟ କର....'' ମାଥିଉ ୨୮:୧୮, ପ୍ରେରିତ ୨:୪୨, ପ୍ରେରିତ ୧୮:୨୪-୨୮) । ତାହାଙ୍କ ସନ୍ତୋଷ ପାତ୍ର ହେବା ନିମନ୍ତେ, ତାହାଙ୍କ ବାଣୀ ଅନ୍ୟମାନଙ୍କ ନିକଟରେ ପ୍ରଚାର କରୁ ।

ଶତ୍ରୁ ହସ୍ତରେ ସମର୍ପିତ ହେବା ପୂର୍ବେ ଯୀଶୁଖ୍ରୀଷ୍ଟ ତାହାଙ୍କ ତ୍ୟାଗ ସ୍ମରଣାର୍ଥେ ''ପ୍ରଭୁ ଭୋଜ ପାଳନ'' କରିବା ନିମନ୍ତେ ଆଜ୍ଞା ଦେଇଥିଲେ । (ମାଥିଉ ୨୦:୨୬-୨୯, ୧ମ କରିନ୍ଥୀ ୧୧:୨୩-୨୯) ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ପ୍ରତି ସପ୍ତାହର ପ୍ରଥମ ଦିନରେ 'ପ୍ରଭୁ ଭୋଜ' ପାଳନ କରୁଥିଲେ । (ପ୍ରେରିତ ୨୦:୭) । ଆମ୍ଭେମାନେ ସ୍ୱର୍ଗୀୟ ପିତାଙ୍କ ସନ୍ତୋଷ ପାତ୍ର ହେବା ନିମନ୍ତେ, ଆମ୍ଭେମାନଙ୍କ ମଧ୍ୟରୁ ବାପ୍ତିଜିତ ହେବା ପ୍ରତ୍ୟେକେ, ପ୍ରଭୁଭୋଜ ପାଳନ କରିବା ଆବଶ୍ୟକ ।

କରିନ୍ଥୀ ମଣ୍ଡଳୀକୁ ପ୍ରେରିତ ପାଉଲ ଆଜ୍ଞା ଦେଇ କହିଥିଲ, ''ସାଧୁମାନଙ୍କ ନିମନ୍ତେ ଦାନସଂଗ୍ରହ ସମ୍ବନ୍ଧରେ ଯେପରି ମୁଁ ଗାଲାତିଆର ମଣ୍ଡଳୀ ସମୂହକୁ ଆଦେଶ ଦେଇଅଛି, ତୁମ୍ଭେମାନେ ମଧ୍ୟ ସେହିପରି କର । .....ଏଥି ନିମନ୍ତେ ସପ୍ତାହର ପ୍ରଥମ

ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ ।'' (୧ମ କରିନ୍ଥୀ ୧୬:୧-୨) ''ପ୍ରକୃତରେ ସାଧୁମାନଙ୍କ ନିକଟକୁ ଲେଖିବା ଆବଶ୍ୟକ ମନେ କଲି... କାରଣ ଈଶ୍ୱର ହୃଷ୍ଟଚିତ୍ତ ଦାତାଙ୍କୁ ଭଲ ପାଆନ୍ତି । ଈଶ୍ୱରଙ୍କ ଅକଥନୀୟ ଦାନ ନିମନ୍ତେ ତାହାଙ୍କର ଧନ୍ୟବାଦ ହେଉ ।'' (୨ କରିନ୍ଥୀୟ ୯:୧-୧୫)

ଆମ୍ଭମାନଙ୍କ କଥାବାର୍ତ୍ତାରେ, ଆଚାର ବ୍ୟବହାରରେ ସଦାପ୍ରଭୁଙ୍କ ସନ୍ତୋଷଜନକ କର୍ମ କରୁ । ଦାଉଦ ପ୍ରାର୍ଥନା କରି କହିଥିଲେ, ''ହେ ସଦାପ୍ରଭୁ ମୋହର ଶୈଳ ଓ ମୋହର କର୍ତ୍ତା, ତୁମ୍ଭ ଦୃଷ୍ଟିରେ ମୋ ମୁଖର ବାକ୍ୟ ଓ ମୋ ଅନ୍ତଃକରଣର ଧ୍ୟାନ ସୁଗ୍ରାହ୍ୟ ହେଉ ।'' (ଗୀତ ୧୯:୧୪)

ବାକ୍ୟ କହେ,''ଯେଉଁ ଜନ ସୁସମାଚାର ଆଣୁଅଛି, ଯେ ଶାନ୍ତି ପ୍ରଚାର କରୁଅଛି, ଯେ ସିୟୋନଙ୍କୁ ତୁମ୍ଭ ପରମେଶ୍ୱର ରାଜ୍ୟ କରନ୍ତି ବୋଲି କହୁଅଛି, ତାହାର ଚରଣ ପର୍ବତ ଗଣର ଉପରେ କିପରି ଶୋଭାପାଏ ।'' (ଯିଶାଇୟ ୫୨:୭, ରୋମୀୟ ୧୦:୧୪, ୨ୟ ତୀମଥି ୪:୨) ତାହାଙ୍କ ସୁସମାଚାର ପ୍ରଚାର କରିବା ପ୍ରତ୍ୟେକ ଖ୍ରୀଷ୍ଟିୟାନ, ତାହାଙ୍କ ସନ୍ତୋଷ ପାତ୍ର ଅଟନ୍ତି ।

ଖ୍ରୀଷ୍ଟିୟାନମାନେ ପରସ୍ପରକୁ ଉତ୍ସାହିତ କରୁ । (ଏଫିସୀ ୫:୧୯, କଲସୀ ୩:୧୬, ୨ୟ ତୀମଥି ୪:୨, ତିତସ ୨:୧୫, ଏବ୍ରୀ ୧୦:୨୪)

ଏହି ଜଗତରେ ଈଶ୍ୱରଙ୍କ ସନ୍ତୋଷ ପାତ୍ର ଜୀବନଯାପନ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ହିଁ ଆମର ଆଦର୍ଶ । ତାହାଙ୍କ ନିକଟକୁ ଆସି, ତାହାଙ୍କ ନିକଟରେ ଶିକ୍ଷା କରିବା ନିମନ୍ତେ ସେ ସମସ୍ତଙ୍କୁ ଆହ୍ୱାନ ଜଣାନ୍ତି । (ମାଥିଉ ୧୧:୨୬, ୨ୟ କରିନ୍ଥୀ ୧୧:୧, ୨ ପିତର ୨:୧)

''ଅତଏବ, ହେ ଭାଇମାନେ, ଅବଶେଷରେ କି ପ୍ରକାର ଆଚରଣ କରି ଈଶ୍ୱରଙ୍କ ସନ୍ତୁଷ୍ଟ କରିବା ଉଚିତ, ସେ ସମ୍ବନ୍ଧରେ ତୁମ୍ଭେମାନେ ମଧ୍ୟ ଯେ ପ୍ରକାର ଆଚରଣ କରୁଅଛ । ତଦନୁସାରେ ଆହୁରି ଅଧିକ ଅଗ୍ରସର ହେବା ନିମନ୍ତେ ଆମ୍ଭେମାନେ ପ୍ରଭୁଯୀଶୁଙ୍କ ନାମରେ ତୁମ୍ଭମାନଙ୍କୁ ଅନୁରୋଧ କରି ଉତ୍ସାହ ଦେଉଅଛୁ ।

***- Kabita Gootam***

❋ ❋ ❋

# ଖ୍ରୀଷ୍ଟଙ୍କ ଠାରେ ବିଜୟ !
## (Victory in Jesus)

ନୂତନ ନିୟମରେ ଖ୍ରୀଷ୍ଟିୟାନ ଜୀବନକୁ ଅନେକ ଭାବେ ବର୍ଣ୍ଣନା କରାଯାଇଅଛି । ଯୀଶୁଖ୍ରୀଷ୍ଟ ଆପଣା ଆପଣା କ୍ରୁଶ ବହନ କରି, ଖ୍ରୀଷ୍ଟିୟାନ ଜୀବନଯାପନ କରିବାକୁ ହେବ ବୋଲି ମାଥିଉ ୧୬:୨୪ରେ କହିଅଛନ୍ତି । ଏବ୍ରୀ ପୁସ୍ତକରେ ଏହା ଏକ 'ଦୌଡ଼' ସହିତ ତୁଳନା କରାଯାଏ । (ଏବ୍ରୀ ୧୨:୨) । ଏକ ନବଜାତ ଶିଶୁ ଯେପରି ଦୁଗ୍ଧ ପାନ କରି ଦିନକୁ ଦିନ ଅଭିବୃଦ୍ଧି ପାଏ, ଖ୍ରୀଷ୍ଟିୟାନମାନଙ୍କ ଜୀବନ ଏପରି ଭାବେ ଅଭିବୃଦ୍ଧି ପାଇବା ଆବଶ୍ୟକ ବୋଲି ପ୍ରେରିତ ପିତର ଆମ୍ଭମାନଙ୍କୁ ଶିକ୍ଷା ଦିଅନ୍ତି । (୧ମ ପିତର ୨:୨)

ନୂତନ ନିୟମରେ ଖ୍ରୀଷ୍ଟିୟାନ ଜୀବନକୁ ଏକ ଯୁଦ୍ଧ ରୂପେ ମଧ୍ୟ ତୁଳନା କରାଯାଏ । ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଆଜ୍ଞା ଦେଇ କହନ୍ତି, ''ବିଶ୍ୱାସର ଉତ୍ତମ ଯୁଦ୍ଧରେ ପ୍ରାଣପଣ କରି, ଅନନ୍ତ ଜୀବନ ଧରି ରଖ, ସେଥିପାଇଁ ତ ତୁମ୍ଭେ ଆହୂତ ହୋଇଅଛ ଓ ଅନେକ ସାକ୍ଷୀଙ୍କ ସାକ୍ଷାତରେ ଉତ୍ତମ ସାକ୍ଷ୍ୟ ଦେଇଅଛ ।'' (୧ମ ତୀମଥି ୬:୧୨) ''କାରଣ ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ ପୁଣି ଆକାଶ ମଣ୍ଡଳର ଦୁଷ୍ଟ ଆତ୍ମାମାନଙ୍କ ବିରୁଦ୍ଧରେ ।'' (ଏଫିସୀ ୬:୧୨) । ଏହା ହିଁ ପ୍ରକାଶିତ ୧୬:୧୬ ପଦରେ ବର୍ଣ୍ଣିତ ''ହମିଗିଦ୍ଦୋନ୍'' ଯୁଦ୍ଧ ।

ଆନନ୍ଦର ବିଷୟ ଏହି ଯେ, ଏହି ଯୁଦ୍ଧର ଫଳାଫଳ ୨୦୦୦ ବର୍ଷ ପୂର୍ବେ ଘୋଷିତ ହୋଇଅଛି । ''ତଥାପି ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବୋତଭାବେ ବିଜୟୀ ଅଟୁଁ ।'' (ରୋମୀୟ ୫:୩୭) । ନିମ୍ନଲିଖିତ କ୍ଷେତ୍ରରେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ବିଜୟ ପ୍ରାପ୍ତ ହୋଇଅଛୁ

**୧) ଜୀବନରେ ବିଜୟ :-** ଖ୍ରୀଷ୍ଟିୟ ଜୀବନରେ ସଫଳତା ଧନସମ୍ପଦ ଅର୍ଜନ କରିବାରେ, କିଅବା ସମାଜରେ ଗୌରବମୟ ସ୍ଥାନ ଗ୍ରହଣ କରିବା ନୁହେଁ । କିନ୍ତୁ ଖ୍ରୀଷ୍ଟଙ୍କ ସହ ସହଭାଗିତାରେ ଜୀବନଯାପନ କରିବା । ''.....ତୁମ୍ଭମାନଙ୍କ ମଧ୍ୟରେ

ଖ୍ରୀଷ୍ଟ, ସେ ଗୌରବର ଭରସାସ୍ୱରୂପ ।'' (କଲସୀ ୧:୨୭) । ଖ୍ରୀଷ୍ଟଙ୍କର ଏକ ସୈନ୍ୟଭାବେ ଆମ୍ଭେମାନେ ଅସ୍ତ୍ରଶସ୍ତ୍ର ଧାରଣ କରିଅଛୁ, ଯାହା, ''.....ଶାରୀରିକ ନୁହେଁ, ମାତ୍ର ଦୃଢ଼ଗଡ ଭୂମିସାତ କରିବା ନିମନ୍ତେ, ଈଶ୍ୱରଙ୍କ ଦୃଷ୍ଟିରେ ସେହିସବୁ ଶକ୍ତିଯୁକ୍ତ ଅଟେ ।'' (୨ କରିନ୍ଥୀ ୧୦:୪) ଶୟତାନର ପ୍ରଲୋଭନର ଦୈନିକ ଯୁଦ୍ଧ କ୍ଷେତ୍ରରେ ଆମ୍ଭେମାନେ ''ଆତ୍ମାଙ୍କ ଖଡ଼୍‌ଗ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ'' ଦ୍ୱାରା ବିଜୟୀ ହୋଇଥାଉଁ । (ଏଫିସୀ ୬:୧୭)

୨) **ମୃତ୍ୟୁରେ ବିଜୟ :-** ନରକର ବଳ ମଧ୍ୟ ମଣ୍ଡଳୀକୁ ପରାଜୟ କରିପାରିବ ନାହିଁ ବୋଲି ଯୀଶୁଖ୍ରୀଷ୍ଟ ପ୍ରତିଜ୍ଞା କରିଅଛନ୍ତି । (ମାଥିଉ ୧୬:୧୮) ମୃତ୍ୟୁରୁ ପୁନଃରୁଥିତ ହୋଇ ଯୀଶୁଖ୍ରୀଷ୍ଟ ମୃତ୍ୟୁକୁ ପରାଜୟ କରିଅଛନ୍ତି । ଆମ୍ଭେମାନେ ତାହାଙ୍କ ଦ୍ୱାରା ସଂପୂର୍ଣ୍ଣ ବିଜୟପ୍ରାପ୍ତ ହୋଇଅଛୁ । ''କିନ୍ତୁ ଏବେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଆବିର୍ଭାବ ଦ୍ୱାରା ପ୍ରକାଶିତ ହୋଇଅଛି । ସେ ମୃତ୍ୟୁକୁ ଲୋପ କରିଅଛନ୍ତି, ପୁଣି ସୁସମାଚାର ଦ୍ୱାରା ଜୀବନ ଓ ଅମରତାକୁ ଆଲୋକରେ ପ୍ରକାଶ କରିଅଛନ୍ତି ।'' (୨ ତୀମଥି ୧:୧୦) । ଖ୍ରୀଷ୍ଟଙ୍କ ପୁନଃରୁଥାନର ସତ୍ୟତା, ତାହାଙ୍କ ଶିଷ୍ୟମାନଙ୍କୁ ଅନନ୍ତ ଜୀବନର ଭରସା ଦିଏ । ''ଜୟ ମୃତ୍ୟୁକୁ ଗ୍ରାସ କରିଅଛି, ରେ ମୃତ୍ୟୁ କାହିଁ ତୋର ଜୟ ? ରେ ମୃତ୍ୟୁ, କାହିଁ ତୋର ନାହୁଡ଼ ?'' (୧ମ କରିନ୍ଥୀ ୧୫:୫୪)

୩) **ବିଜୟ ଅନନ୍ତକାଳ ପର୍ଯ୍ୟନ୍ତ :-** ଖ୍ରୀଷ୍ଟଙ୍କ ଠାରେ ବିଜୟ ମୃତ୍ୟୁକୁ ପରାଜୟ କରି 'ଅନନ୍ତକାଳ'ରେ ବ୍ୟାପ୍ତ ହୋଇଅଛି । ''.....ସେ ଉର୍ଦ୍ଧ୍ୱରେ ଆରୋହଣ କରି ବନ୍ଦୀମାନଙ୍କୁ ବନ୍ଦୀ କରି ନେଇଗଲେ, ଆଉ ମନୁଷ୍ୟମାନଙ୍କୁ ନାନା ବର ଦାନ ଦେଲେ ।'' (ଏଫିସୀ ୪:୮) ବିଜୟୀ ଯୀଶୁଖ୍ରୀଷ୍ଟ ଆପଣା ବିଶ୍ୱସ୍ତ ଶିଷ୍ୟମାନଙ୍କୁ ଅନନ୍ତ ଜୀବନ ପ୍ରତିଜ୍ଞା କରିଅଛନ୍ତି । (ରୋମ ୬:୨୩) ଖ୍ରୀଷ୍ଟଙ୍କ ବିଶ୍ୱସ୍ତ ସୈନ୍ୟମାନେ ଶେଷ ଦିନରେ ଆପଣା ଅସ୍ତ୍ରଶସ୍ତ୍ର ତ୍ୟାଗ କରି, ନ୍ୟାୟବାନ ବିଚାର କର୍ତ୍ତାଙ୍କ ଠାରୁ ଧାର୍ମିକତାର ମୁକୁଟ ପ୍ରାପ୍ତ ହେବେ ।'' (୨ ତୀମଥି ୨:୮) । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କ ବିଜୟ ଦେଉଥିବା ପିତା ପରମେଶ୍ୱରଙ୍କୁ ଯୁଗେ ଯୁଗେ ଗୌରବ ହେଉ ।

*- Bobby Dockery*

❋❋❋

# ପ୍ରଭୋ, ଆମ୍ଭମାନଙ୍କୁ ପ୍ରାର୍ଥନା କରିବାକୁ ଶିଖାନ୍ତୁ !
## (Lord, teach us to pray)

ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ତାହାଙ୍କୁ ବିନତି କରି କହିଲେ, ''......ହେ ପ୍ରଭୁ, ଯୋହନ ଯେପରି ଆପଣା ଶିଷ୍ୟମାନଙ୍କୁ ପ୍ରାର୍ଥନା କରିବାକୁ ଶିଖାଇଲେ, ଆପଣ ମଧ୍ୟ ସେହିପରି ଆମ୍ଭମାନଙ୍କୁ ପ୍ରାର୍ଥନା କରିବାକୁ ଶିଖାଅନ୍ତୁ ।'' (ଲୂକ ୧୧:୧) । ଏହି ପଦରୁ କିପରି ପ୍ରାର୍ଥନା କରିବା ଆବଶ୍ୟକ ଶିକ୍ଷା କରିପାରିବା ବୋଲି ବୁଝିପାରୁ । କିପରି ପ୍ରାର୍ଥନା କରିବା ଆବଶ୍ୟକ ଅନେକ ଜାଣନ୍ତି ନାହିଁ । ଯଦିଓ ଯିହୂଦୀମାନେ ପିତା ପରମେଶ୍ୱର ସ୍ୱକୀୟ ଜନ, ପିତା ପରମେଶ୍ୱରଙ୍କ ଠାରେ କିପରି ପ୍ରାର୍ଥନା ବିଷୟରେ ଶିକ୍ଷିତ ହେବା ନିମନ୍ତେ ଶିଷ୍ୟମାନେ ସର୍ବଶ୍ରେଷ୍ଠ ଶିକ୍ଷକ ନିକଟକୁ ଆସିଥିଲେ । ବାପ୍ତିଜକ ଯୋହନ ମହାନ ଶିକ୍ଷକ ଥିଲେ, ତାହାଙ୍କ ଠାରୁ ମହୋତ୍ତର ଯୀଶୁଖ୍ରୀଷ୍ଟ ଅଟନ୍ତି । କାରଣ ଯୋହନ କହନ୍ତି, ''ସେ ମୋ ଉତ୍ତାରେ ଆସୁଅଛନ୍ତି, ତାହାଙ୍କ ପାଦୁକାର ବନ୍ଧନ ଫିଟାଇବାକୁ ମୁଁ ଯୋଗ୍ୟ ନୁହେଁ ।'' (ଯୋହନ ୧:୨୭)

ଯେଉଁ ଶିଷ୍ୟ ଯୀଶୁଖ୍ରୀଷ୍ଟଙ୍କୁ ପ୍ରାର୍ଥନା ଶିଖାଇବା ନିମନ୍ତେ ଅନୁରୋଧ କରିଥିଲେ, ଯୀଶୁ ଯେ କେତେ ମହାନ ଶିକ୍ଷକ ସେ ନିଜେ ଜାଣି ନ ଥିଲେ । ବାପ୍ତିଜକ ଯୋହନ ନିଜେ ସେ ବିଷୟ ସ୍ୱୀକାର କରି କହିଥିଲେ,''.....ସେ ମୋର ପୂର୍ବରେ ଥିଲେ....'' (ଯୋହନ ୧:୩୦) । ଯୀଶୁଖ୍ରୀଷ୍ଟ, ଯୋହନଙ୍କ ଅଗ୍ରଗଣ୍ୟ ଥିଲେ । ଯୀଶୁ ଶାରୀରିକ ଭାବେ ଯୋହନଙ୍କ ଜନ୍ମର ଛଅମାସ ପରେ ଜନ୍ମଗ୍ରହଣ କଲେ ହେଁ, ଆତ୍ମାରେ ସେ ଆଦି ଓ ଅନ୍ତ ଅଟନ୍ତି । ସେ ଅନନ୍ତଜୀବୀ ପରମେଶ୍ୱର ଅଟନ୍ତି, ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । (ଯୋହନ ୧:୧)

ଯୀଶୁଖ୍ରୀଷ୍ଟ ହିଁ ସେହି ପବିତ୍ର, ଶୁଦ୍ଧ, ସଂପୂର୍ଣ୍ଣ ବ୍ୟକ୍ତି ଯେ କି ପ୍ରାର୍ଥନା ବିଷୟରେ ଶିକ୍ଷା ଦେଇପାରନ୍ତି । ସେ ଐଶ୍ୱରିକତ୍ୱର ଏକ ଈଶ୍ୱର ଥିବାରୁ, ପ୍ରତ୍ୟେକ ମନୁଷ୍ୟର ପ୍ରାର୍ଥନା ସେ ଶ୍ରବଣ କରନ୍ତି । କେଉଁ ପ୍ରାର୍ଥନା ଈଶ୍ୱରଙ୍କ ଗ୍ରହଣଯୋଗ୍ୟ ସେ ଜାଣନ୍ତି, ସେ ଅତୀତରେ ଅବ୍ରାହାମ, ହାନ୍ନା, ଦାଉଦ, ହନକିୟଙ୍କ ପ୍ରାର୍ଥନା ଶ୍ରବଣ କରିଥିଲେ । କପଟୀ, ବିଦ୍ରୋହୀ, ପାପୀମାନଙ୍କୁ ଦେଖିଅଛନ୍ତି ଓ ଶୁଣିଅଛନ୍ତି, ତାହା ସମ୍ବନ୍ଧରେ ସେ

ସାକ୍ଷ୍ୟ ଦିଅନ୍ତି.....'' (ଯୋହନ ୩:୩୧,୩୨)

ଲୁକ ୧୧:୧-୬ ପଦରେ ଆମ୍ଭେମାନେ କିପରି ପ୍ରାର୍ଥନା କରିବା ଆବଶ୍ୟକ ଲିଖିତ ହୋଇଅଛି । ଆମ୍ଭମାନଙ୍କ ପ୍ରାର୍ଥନା ପିତା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ, ତାହାଙ୍କ ମହିମାର୍ଥେ ହେବା ଆବଶ୍ୟକ । ଆମ୍ଭେମାନେ ଈଶ୍ୱରଙ୍କ ରାଜ୍ୟ ଅର୍ଥାତ୍ ଖ୍ରୀଷ୍ଟଙ୍କ ମଣ୍ଡଳୀର ଅଭିବୃଦ୍ଧି ବିଷୟରେ ପ୍ରାର୍ଥନା କରୁ ।

''ପ୍ରାର୍ଥନା କରିବା ସମୟରେ କପଟୀମାନଙ୍କ ପରି ହୁଅ ନାହିଁ, କାରଣ ସେମାନେ ଲୋକ ଦେଖାଇବା ପାଇଁ ସମାଜଗୃହ ଓ ଛକକୋଣରେ ଠିଆ ହୋଇ ପ୍ରାର୍ଥନା କରିବାକୁ ଭଲ ପାଆନ୍ତି, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେମାନେ ଆପଣା ଆପଣା ପୁରସ୍କାର ପାଇଅଛନ୍ତି । କିନ୍ତୁ ତୁମ୍ଭେ ପ୍ରାର୍ଥନା କରିବା ସମୟରେ ତୁମ୍ଭର ଗୁପ୍ତ କୋଠରୀରେ ପ୍ରବେଶ କର, ପୁଣି ତୁମ୍ଭର ଦ୍ୱାର ରୁଦ୍ଧ କରି ଗୋପନରେ ଥିବା ତୁମ୍ଭ ପିତାଙ୍କ ଛାମୁରେ ପ୍ରାର୍ଥନା କର, ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମ୍ଭଙ୍କୁ ଫଳ ଦେବେ ।'' (ମାଥିଉ ୬:୫-୬)

ଦିନକୁ ତିନିଥର ପ୍ରାର୍ଥନା କରିବା ଯିହୂଦୀମାନଙ୍କ ରୀତି ଥିଲା । (ସକାଳ ୯ଟା, ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୩ଟା) । ଏହି ନିର୍ଣ୍ଣିତ ସମୟରେ ଜଣେ ଯିହୂଦୀ ଯେକୌଣସି କାମରେ ବ୍ୟସ୍ତ ଥିଲେ ହେଁ ସ୍ଥଗିତ ହୋଇ ଯିରୁଶାଲମ ଅଭିମୁଖେ ଠିଆ ହୋଇ ପ୍ରାର୍ଥନା କରେ । ଏହି ପ୍ରଥାର କେତୋଟି ଅସୁବିଧା ମଧ୍ୟ ଥିଲା । ଏହି ପ୍ରଥାର ସାହାଯ୍ୟରେ ଅନେକେ ସମାଜଗୃହ ଛକକୋଣରେ ଠିଆ ହୋଇ ପ୍ରାର୍ଥନା କରି, ଅନ୍ୟମାନଙ୍କ ନିକଟରେ ଧାର୍ମିକପଣ ଦେଖାଉଥିଲେ । ଏପରି ବ୍ୟକ୍ତିମାନଙ୍କ ବିଷୟରେ ଯୀଶୁ କହିଲେ, ''ସେମାନେ ଆପଣା ଆପଣା ପୁରସ୍କାର ପାଇଅଛନ୍ତି ।'' (ମାଥିଉ ୫:୫) । ଅନ୍ୟ କୌଣସି ପୁରସ୍କାର ସଦାପ୍ରଭୁଙ୍କ ଠାରୁ ଆଶା କରିବା ବୃଥା ।

''ପ୍ରାର୍ଥନା କରିବା ସମୟରେ ଗୁପ୍ତ କୋଠରୀରେ ପ୍ରବେଶ କର, ପୁଣି ତୁମ୍ଭର ଦ୍ୱାରା ରୁଦ୍ଧ କରି ଗୋପନରେ ଥିବା ତୁମ୍ଭ ପିତାଙ୍କ ଛାମୁରେ ପ୍ରାର୍ଥନା କର, ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମ୍ଭଙ୍କୁ ଫଳ ଦେବେ ।'' (ମାଥିଉ ୬:୬)

ଆମ୍ଭମାନଙ୍କ ପ୍ରାର୍ଥନା ବିଶ୍ୱାସରେ ଅର୍ପଣ କରୁ । ''ପୁଣି, ବିଶ୍ୱାସ କରି ପ୍ରାର୍ଥନାରେ ଯାହାକିଛି ମାଗିବ ସେହିସବୁ ପାଇବ ।'' (ମାଥିଉ ୨୧:୨୨) ।

ଆମ୍ଭମାନଙ୍କ ପ୍ରାର୍ଥନାଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପିତା ପରମେଶ୍ୱରଙ୍କୁ ଅର୍ପଣ କରୁ । ''ପୁଣି, ପିତା ଯେପରି ପ୍ରଭୁଙ୍କ ଠାରେ ମହିମାନ୍ୱିତ ହୁଅନ୍ତି; ଏଥି ନିମନ୍ତେ ତୁମ୍ଭେମାନେ ମୋ ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି, ଯଦି ତୁମ୍ଭେମାନେ ମୋ ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି ।'' (ଯୋହନ ୧୪:୧୩,୧୪)

ପ୍ରାର୍ଥନାରେ ପୁନଃରୁକ୍ତି ନ କରୁ । ତାହା ବୃଥା । ''ପୁଣି, ପ୍ରାର୍ଥନା କରିବା ସମୟରେ ବିଜାତୀୟମାନଙ୍କ ପରି ଅନର୍ଥକ ପୁନରୁକ୍ତି କର ନାହିଁ, କାରଣ ସେମାନେ ବହୁତ କଥା କରିବାରୁ ସେମାନଙ୍କ ପ୍ରାର୍ଥନା ଶୁଣାଯିବ ବୋଲି ମନେ କରନ୍ତି ।'' (ମାଥିଉ ୬:୭,୮)

ପ୍ରାର୍ଥନା ବିଷୟରେ ଶିକ୍ଷା ଦେବା ନିମନ୍ତେ ଯୀଶୁଖ୍ରୀଷ୍ଟ ହିଁ ସକ୍ଷମ ଅଟନ୍ତି । କେଉଁ ପ୍ରକାର ପ୍ରାର୍ଥନା ସଦାପ୍ରଭୁଙ୍କ ଗ୍ରାହ୍ୟଯୋଗ୍ୟ ସେ ଜ୍ଞାତ ଅଟନ୍ତି । ଅତଏବ, ଗ୍ରାହ୍ୟଯୋଗ୍ୟ ପ୍ରାର୍ଥନା କରି ସଦାପ୍ରଭୁଙ୍କ ଠାରୁ ଉତ୍ତର ପାଅ । ସଦାପ୍ରଭୁଙ୍କ ସହ ବ୍ୟକ୍ତିଗତ ସମ୍ବନ୍ଧ ରଖିବାରେ ପ୍ରାର୍ଥନା ସାହାଯ୍ୟ କରେ ।

***- K.S. Swamidass***

❋❋❋

## ଆପଣ କିପରି ସଦାପ୍ରଭୁଙ୍କ ''ଧନ୍ୟବାଦ'' କହନ୍ତି ?

**(How do you say "Thank you" to God)**

ଆମ୍ଭମାନଙ୍କୁ ଉପକାର କରିବା ଲୋକଙ୍କୁ, କିଅବା ଆମ୍ଭମାନଙ୍କ ବିଷୟରେ ଉତ୍ତମ ବିଷୟ କହିବା ଲୋକଙ୍କୁ ଆମ୍ଭେମାନେ 'ଧନ୍ୟବାଦ' କହିବା ନିମନ୍ତେ ବାଲ୍ୟକାଳରୁ ଶିକ୍ଷାପ୍ରାପ୍ତ ହୋଇଥାଉଁ । ''ଧନ୍ୟବାଦ (Thank You)'' ''ଦୟାକରି (Please)'' ଏହି ଦୁଇ ଯାଦୁ ପଦଗୁଡ଼ିକ ଆମ୍ଭମାନଙ୍କ ଜୀବନ ସରଳ କରିଥାଏ । ଅନ୍ୟମାନଙ୍କ ସହ ଆମ୍ଭମାନଙ୍କ ସମ୍ବନ୍ଧ ଦୃଢ଼ କରେ ।

ଅନେକ ଅଜ୍ଞ ଓ ଅକୃତଜ୍ଞ ଲୋକେ 'ଧନ୍ୟବାଦ' କହିବା ଆବଶ୍ୟକ ମଣନ୍ତି

ନାହିଁ । ଆମ୍ଭମାନଙ୍କ ପ୍ରତି କୃତ ଉତ୍ତମତା ନିମନ୍ତେ 'ଧନ୍ୟବାଦ' ଜଣାଇବା ମନୁଷ୍ୟର ସୁଗୁଣମାନଙ୍କ ମଧ୍ୟରେ ଅନ୍ୟତମ ସୁଗୁଣ ଅଟେ ।

ସଦାପ୍ରଭୁ ଆମ୍ଭମାନଙ୍କ ଜୀବନରେ କରିଥିବା ସମସ୍ତ ମଙ୍ଗଳ ଓ ଉପକାର ନିମନ୍ତେ ତାହାଙ୍କୁ କିପରି କୃତଜ୍ଞତା ଜଣାଇ ପାରିବା ? ମୁଁ ତାହାଙ୍କୁ ଫୋନ୍ କରି ଧନ୍ୟବାଦ କହି ପାରିବି ନାହିଁ କିଅବା ପତ୍ର ଦ୍ୱାରା ଜଣାଇ ପାରିବି ନାହିଁ । ତେବେ ମୁଁ କିପରି ଏକ କୃପାମୟ ପିତାଙ୍କୁ ଆପଣା କୃତଜ୍ଞତା ଜଣାଇ ପାରିବି ? (୧) କୃତଜ୍ଞତା ଅର୍ପଣ କରି (୨) ତାହାଙ୍କ ଇଚ୍ଛାନୁସାରେ ଜୀବନଯାପନ କରି ।

ପ୍ରାର୍ଥନାରେ ସଦାପ୍ରଭୁଙ୍କୁ ଧନ୍ୟବାଦ ଦେବା ନିମନ୍ତେ ବାଇବଲ ଆମ୍ଭମାନଙ୍କୁ ଶିକ୍ଷା ଦିଏ । ପ୍ରେରିତ ପାଉଲ ଫିଲିପୀୟ ମଣ୍ଡଳୀକୁ ଲେଖିଥିଲେ, "କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତୀ ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ ।" (ଫିଲିପ ୪:୬) । ବିବିଧ ଖାଦ୍ୟ ଓ ମାଂସ ସଦାପ୍ରଭୁ ଆମ୍ଭମାନଙ୍କ ନିମନ୍ତେ ସୃଷ୍ଟି କରିଅଛନ୍ତି । "....ବିଶ୍ୱାସ ଓ ସତ୍ୟ ଜାଣିଥିବା ଲୋକମାନଙ୍କ ଦ୍ୱାରା ଧନ୍ୟବାଦ ସହ ଭୋଜନ କରିବା ନିମନ୍ତେ ଈଶ୍ୱର ତ ଏହିସବୁ ସୃଷ୍ଟି କରିଅଛନ୍ତି । କାରଣ ଈଶ୍ୱରଙ୍କ ସମସ୍ତ ସୃଷ୍ଟ ବସ୍ତୁ ଉତ୍ତମ ପୁଣି ଧନ୍ୟବାଦ ସହ ଗ୍ରହଣ କଲେ କୌଣସି ବିଷୟ ଅଗ୍ରାହ୍ୟ ନୁହେଁ ।" (୧ମ ତୀମଥି ୪:୩,୪)

ସଦାପ୍ରଭୁଙ୍କୁ "ଧନ୍ୟବାଦ" ଦେବାରେ ଯୀଶୁଖ୍ରୀଷ୍ଟ ହିଁ ଆମର ଆଦର୍ଶ । ଯୀଶୁଖ୍ରୀଷ୍ଟ ପାଞ୍ଚରୋଟୀ ଓ ଦୁଇ ମାଛ ଦ୍ୱାରା ପାଞ୍ଚ ହଜାର ପୁରୁଷ ଓ ଅସଂଖ୍ୟ ସ୍ତ୍ରୀ, ବାଳକ ବାଳିକାମାନଙ୍କୁ ଭୋଜନ ପରିବେଷଣ କରିବା ପୂର୍ବେ ସଦାପ୍ରଭୁଙ୍କୁ ଧନ୍ୟବାଦ ଦେଇଥିଲେ । (ଯୋହନ ୬:୧୧) ଯୀଶୁ କହିଲେ, "......ପିତଃ, ସ୍ୱର୍ଗ ଓ ପୃଥିବୀର ପ୍ରଭୋ, ତୁମ୍ଭେ ଜ୍ଞାନୀ ଓ ବୁଦ୍ଧିମାନ ଲୋକମାନଙ୍କ ଠାରୁ ଏହି ସମସ୍ତ ବିଷୟ ଗୁପ୍ତ ରଖି, ଶିଶୁମାନଙ୍କ ଠାରେ ପ୍ରକାଶ କଲ, ଏଥି ନିମନ୍ତେ ତୁମ୍ଭର ସ୍ତୁତିବାଦ କରୁଅଛି ।" (ମାଥିଉ ୧୧:୨୫)

ଆମ୍ଭେମାନେ ତାହାଙ୍କୁ କିପରି ଭାବେ ଧନ୍ୟବାଦ ଦେଇପାରିବା ? ପ୍ରାର୍ଥନା ଦ୍ୱାରା ଓ ସ୍ତୁତିଗାନ ଦ୍ୱାରା ଦ୍ୱିତୀୟରେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ସନ୍ତୋଷଜନକ

ଜୀବନଯାପନ କରି, ତାହାଙ୍କ ଉପକାର ସମସ୍ତ ନିମନ୍ତେ ତାହାଙ୍କୁ ''ଧନ୍ୟବାଦ'' ଦେଉ । ତାହାଙ୍କ ବାହୁ ତଳେ ଶରଣ ନେଉଁ ।

**- Tom Holland**

❋❋❋

# ଏକ ପାପୀର ପ୍ରାର୍ଥନା
## (A Sinner's Prayer)

ଯେଉଁମାନେ ଖ୍ରୀଷ୍ଟିୟାନ ନୁହନ୍ତି, ସେମାନଙ୍କ ପ୍ରାର୍ଥନା ସଦାପ୍ରଭୁ ଶୁଣିବେ ବୋଲି ପ୍ରତିଜ୍ଞା କରି ନାହାନ୍ତି । ପ୍ରତ୍ୟେକ ପ୍ରାର୍ଥନାର ଉତ୍ତର ସଦାପ୍ରଭୁ ଦିଅନ୍ତି ନାହିଁ । ଗୀତ ସଂହିତାର ରଚକ ଲେଖନ୍ତି, ''ଯେବେ ମୁଁ ମନ ମଧ୍ୟରେ ଅଧର୍ମକୁ ଆଦର କରେ, ତେବେ ପ୍ରଭୁ ମୋ କଥା ଶୁଣିବେ ନାହିଁ ।'' (ଗୀତ ୬୬:୧୮), ''ତୁମ୍ଭେ ତାହା ଉପରେ ଏକ ଦୁଷ୍ଟ ଲୋକ ନିଯୁକ୍ତ କର ! ପୁଣି, ଜଣେ ବିପକ୍ଷ ତାହାର ଦକ୍ଷିଣ ପାର୍ଶ୍ୱରେ ଠିଆ ହେଉ । ସେ ବିଚାରିତ ହେବା ସମୟରେ ଦୋଷୀକୃତ ହେଉ । ପୁଣି, ତାହାର ପ୍ରାର୍ଥନା ପାପରୂପେ ଗଣିତ ହେଉ ।'' (ଗୀତ ୧୦୯:୬-୭) ''ଯେଉଁ ଲୋକ ବ୍ୟବସ୍ଥା ଶୁଣିବାକୁ ଆପଣା କର୍ଣ୍ଣ ଫେରାଏ, ତାହାର ପ୍ରାର୍ଥନା ହିଁ ଘୃଣାର ବିଷୟ ହୁଏ ।।'' (ହିତ ୨୮:୯) । ''କାରଣ ଧାର୍ମିକମାନଙ୍କ ପ୍ରତି ପ୍ରଭୁଙ୍କ ଦୃଷ୍ଟି ଅଛି, ସେମାନଙ୍କ ବିନତୀ ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଅଟେ ।'' (୧ମ ପିତର ୩:୧୨), ଗୀତ ୩୪:୧୫-୧୬)

ପ୍ରାର୍ଥନା କରିବା ବିଷୟ ପ୍ରାପ୍ତ ହେବାକୁ ଆମ୍ଭମାନଙ୍କୁ :-

(୧) ତାହାଙ୍କ ନାମରେ ବାପ୍ତିଜିତ ହୋଇ, ତାହାଙ୍କ ପ୍ରଜା ରୂପେ ଖ୍ୟାତ ହେଉ (୨ୟ ବଂଶାବଳୀ ୭:୧୪) (୨) ପ୍ରଭୁଯୀଶୁଙ୍କ ନାମରେ ପ୍ରାର୍ଥନା କରୁ । (ଯୋହନ ୧୪:୧୩) (୩) ବିଶ୍ୱାସରେ ପ୍ରାର୍ଥନା କରୁ (ଯାକୁବ ୧:୬,୭) (୪) ସଦ୍ ଉଦ୍ଦେଶ୍ୟରେ ପ୍ରାର୍ଥନା କରୁ (ଯାକୁବ ୪:୩) (୫) ତାହାଙ୍କ ଆଜ୍ଞାପାଳନ କରି, ତାହାଙ୍କ ସନ୍ତୋଷଜନକ କାର୍ଯ୍ୟ କରୁ । (୧ମ ଯୋହନ ୩:୨୨) (୬) ତାହାଙ୍କ ଇଚ୍ଛାନୁସାରେ ପ୍ରାର୍ଥନା କରୁ (୧ମ ଯୋହନ ୫:୧୪)

କୌଣସି ଅଖ୍ରୀଷ୍ଟିୟାନମାନଙ୍କୁ ପ୍ରାର୍ଥନା କରିବାକୁ ବାକ୍ୟରେ କୁହାଯାଏ ନାହିଁ ।

ଅଖ୍ରୀଷ୍ଟିୟାନମାନେ ପ୍ରାର୍ଥନା କରିବା ଦ୍ୱାରା ପାପରୁ କ୍ଷମା କିଅବା ପରିତ୍ରାଣ ପାଇପାରିବେ ନାହିଁ । ବାପ୍ତିସ୍ମ ଦ୍ୱାରା ହିଁ ମନୁଷ୍ୟମାନେ ପାପକ୍ଷମା ଓ ପରିତ୍ରାଣ ପ୍ରାପ୍ତ ହୋଇପାରନ୍ତି । ବାଇବଲ ଉଦାହରଣ :- ପେଣ୍ଟିକଷ୍ଟ ଦିନରେ ପାପୀମାନଙ୍କୁ କେବଳ ପ୍ରାର୍ଥନା କରିବା ନିମନ୍ତେ କୁହାଯାଇ ନ ଥିଲା । ପ୍ରେରିତ ପିତର ପେଣ୍ଟିକଷ୍ଟ ଦିନରେ ଆପଣା ପ୍ରଥମ ସୁସମାଚାର ପ୍ରସଙ୍ଗରେ ଯୋୟେଲ ୨:୩୨ ବାକ୍ୟ ଉଲ୍ଲେଖ କରିଅଛନ୍ତି । (ପ୍ରେରିତ ୨:୨୧) ଯାହା କହେ, ''ଆଉ ଏପରି ଘଟିବ ଯେ, ଯେକେହି ପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବେ, ସେ ପରିତ୍ରାଣ ପାଇବ ।'' ଏଠାରେ ବ୍ୟବହୃତ ''ପ୍ରାର୍ଥନା'' ଯାହା କି ଇଂରାଜୀରେ ''Call'' ବୋଲି ଲେଖାଯାଏ । ଏହି ''Call'' ପଦ ଗ୍ରୀକ୍ ପଦ ''epikaleo'' ପଦରୁ ଆନୀତ । ''epikaleo'' ପଦର ଅର୍ଥ ''ନାମକରଣାର୍ଥେ'' (ପ୍ରେରିତ ୧:୨୩) କିଅବା ବିନତୀ କରିବା (ପ୍ରେରିତ ୭:୫୯, ୨୫:୧୧,୧୨, ୨୬:୩୨, ୨୮:୧୯) । ''ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟର ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ (ମାଥିଉ ୭:୨୧, ଲୁକ ୬:୪୬)

''ଭାଇମାନେ, ଆମ୍ଭେମାନେ କଅଣ କରିବା ?'' ବୋଲି ପେଣ୍ଟିକଷ୍ଟ ଦିନରେ ଯିହୂଦୀମାନଙ୍କ ପ୍ରଶ୍ନକୁ, ପିତର ପ୍ରାର୍ଥନା କରିବା ନିମନ୍ତେ ନ କହି, ସେ କହିଥିଲେ, ''......ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' (୩୮ତମ ପଦ) ପ୍ରଭୁଯୀଶୁଙ୍କୁ ପ୍ରତ୍ୟକ୍ଷ ଭାବେ ଦର୍ଶନ କରିବା ପରେ, ପାଉଲ ପ୍ରାର୍ଥନା କରିବା ସମୟରେ, ବାପ୍ତିଜିତ ହୋଇ ଆପଣା ପାପରୁ ଧୌତ ହେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । (ପ୍ରେରିତ ୯:୧୧) ସେ ପାପକ୍ଷମା ନିମନ୍ତେ ପ୍ରାର୍ଥନା କରିଥିଲେ ଓ ବାପ୍ତିଜିତ ହୋଇ ପାପକ୍ଷମା ପ୍ରାପ୍ତ ହୋଇଥିଲେ । କର୍ଣ୍ଣଲୀୟଙ୍କ ପ୍ରାର୍ଥନା ସଦାପ୍ରଭୁ ଶ୍ରବଣ କରିଥିଲେ ଓ ପ୍ରେରିତ ପିତର ତାହାଙ୍କ ନିକଟକୁ ପ୍ରେରିତ ହୋଇ, ବାପ୍ତିଜିତ ହେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । (ପ୍ରେରିତ ୧୦:୪୩)

କୌଣସି ଅଖ୍ରୀଷ୍ଟିୟାନଙ୍କୁ ପ୍ରାର୍ଥନା କରି ପାପକ୍ଷମା ପ୍ରାପ୍ତ ହୁଅ ବୋଲି ଆଜ୍ଞାପିତ ହୋଇ ନ ଥିଲେ । ଏହା ବାସ୍ତବ ହେଲେ ସୁଦ୍ଧା, ବର୍ତ୍ତମାନ ଯୁଗରେ ଲୋକେ 'ପାପୀର ପ୍ରାର୍ଥନା' କଲେ ପରିତ୍ରାଣ ପ୍ରାପ୍ତ ହେବେ ବୋଲି ବିଶ୍ୱାସ କରନ୍ତି ଓ ସେପରି ଭାବେ ଶିକ୍ଷା ଦିଅନ୍ତି ।

**ପାପୀର ପ୍ରାର୍ଥନା :-** ଅଧିକାଂଶ ମତଶାଖା ବର୍ଗର ଖ୍ରୀଷ୍ଟିୟାନମାନେ "ପାପୀର ପ୍ରାର୍ଥନା" ପୁନଃରୁକ୍ତି କରିବା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହେବେ ବୋଲି ବିଶ୍ୱାସ କରନ୍ତି । ଏହି ପ୍ରାର୍ଥନା ବିଭିନ୍ନ ମତଶାଖାରେ ବିଭିନ୍ନ ରୂପେ ପୁନଃରୁକ୍ତି କରାଯାଏ । (୧) ପାପୀର ପ୍ରାର୍ଥନା ଯଦି ସଦାପ୍ରଭୁଙ୍କ ପରିତ୍ରାଣ ନିମନ୍ତେ ଗ୍ରାହ୍ୟଯୋଗ୍ୟ ପ୍ରାର୍ଥନା ହୋଇଥାଆନ୍ତା, ପ୍ରତ୍ୟେକ ମତଶାଖାର 'ପ୍ରାର୍ଥନା' ଏକରୂପ ହୁଅନ୍ତା । (୨) ଏହି 'ପ୍ରାର୍ଥନା' କିଅବା ପ୍ରାର୍ଥନା ବିଷୟରେ ଶାସ୍ତ୍ରରେ ଲିଖିତ ହୁଅନ୍ତା ।

**ପାପୀର ପ୍ରାର୍ଥନା :-** "ହେ ପ୍ରଭୋ, ମୋହର ପାପ ନିମନ୍ତେ ମୁଁ ଦୁଃଖିତ ଅଟେ । ମୁଁ ବର୍ତ୍ତମାନ ପାପମୟ ଜୀବନରୁ ଫେରି, କ୍ଷମାଭିକ୍ଷା ମାଗୁଛି । ମୋ ପାପ ପାଇଁ ଯୀଶୁଖ୍ରୀଷ୍ଟଙ୍କୁ ଏହି ଜଗତରେ କ୍ରୁଶୀୟ ମୃତ୍ୟୁ ଭୋଗିବା ନିମନ୍ତେ ପ୍ରେରଣ କରିଥିବାରୁ, ମୁଁ ତୁମ୍ଭକୁ ଧନ୍ୟବାଦ ଦିଏ । ହେ ଯୀଶୁ, ମୋ ଜୀବନର ପ୍ରଭୁ, ତ୍ରାଣକର୍ତ୍ତା ଓ ବନ୍ଧୁ ହେବା ନିମନ୍ତେ ମୁଁ ବିନତୀ କରେ । ମୋ ପାପକ୍ଷମା କରି, ଅନନ୍ତ ଜୀବନ ଦେଇଥିବାରୁ, ମୁଁ ତୁମ୍ଭକୁ ଧନ୍ୟବାଦ ଦିଏ । ଯୀଶୁଖ୍ରୀଷ୍ଟଙ୍କ ନାମରେ ମାଗୁଅଛି । "ଆମେନ୍" ("Wheaton: Tyndale, 1998 P.No. 53) । ଏପରି ପ୍ରାର୍ଥନା କଲେ ସଦାପ୍ରଭୁ ସମସ୍ତ ପାପକ୍ଷମା କରି, ତାହାଙ୍କ ପରିବାରଭୁକ୍ତ କରିବେ ବୋଲି ସେମାନଙ୍କ ବିଶ୍ୱାସ ଥିଲା ।

ଏହି ପ୍ରାର୍ଥନା କିଅବା ଏପରି ପ୍ରାର୍ଥନା ବିଷୟରେ ବାଇବଲରେ ଲିଖିତ ହୋଇନାହିଁ। ଉପରୋକ୍ତ ପ୍ରାର୍ଥନା ମନୁଷ୍ୟର ରଚିତ, କିନ୍ତୁ ସଦାପ୍ରଭୁଙ୍କ ଦତ୍ତ ନୁହେଁ । ଏପରି ପ୍ରାର୍ଥନା ଶ୍ରବଣ କରି, ସଦାପ୍ରଭୁ ମନୁଷ୍ୟମାନଙ୍କ ପାପ କରନ୍ତି ନାହିଁ ।

**ସାରାଂଶ :-** ସଦାପ୍ରଭୁଙ୍କ ସହିତ ଆମ୍ଭମାନଙ୍କ ସମ୍ବନ୍ଧ ବିଷୟରେ, "ପ୍ରାର୍ଥନା" ଏକ ପ୍ରଧାନ ମାଧ୍ୟମ । କିନ୍ତୁ ତାହାଙ୍କ ଗ୍ରାହ୍ୟଯୋଗ୍ୟ ପ୍ରାର୍ଥନା କେବଳ ସେ ଗ୍ରହଣ କରନ୍ତି । ଅଖ୍ରୀଷ୍ଟିୟାନମାନଙ୍କ 'ସାହାଯ୍ୟ' କରିଥାଆନ୍ତି, କିନ୍ତୁ ପାପକ୍ଷମା କରିବେ ନାହିଁ (ପ୍ରେରିତ ୧୦:୩୧) । ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି (ପ୍ରେରିତ ୧୧:୧୪) ବିଶ୍ୱାସ, ମନ ପରିବର୍ତ୍ତନ, ସ୍ୱୀକାର କରି ବାପ୍ତିଜିତ ହୁଅନ୍ତି, କେବଳ ସେମାନେ ହିଁ ପରିତ୍ରାଣ ପ୍ରାପ୍ତ ହେବେ । (ମାର୍କ ୧୬:୧୬ ପ୍ରେରିତ ୨:୩୮, ରୋମୀୟ ୧୦:୧୦)

***- Owen Olbricht***

❋❋❋

**Edited & Published by : Kabita & Joshua Gootam**

**II. You are a new creature in Christ.**

A. "Therefore if any man be in Christ, he is a new creature: old things passed away; behold, all things are become new"are (2 Corinthians 5:17) See also Romans 6:3-7.

1. There is a big difference between the old and the new (Ephesian . 4:22-24; Colossians 3:1-10).

2. Are you a new creature in Christ?

**III. Preparation for death is in Christ.**

A. "And I heard a voice from heaven saying unto me. Write. Blessed are the dead which die in the Lord from henceforth: Yea. saith the Spirit, that they may rest from their labours: and their works do follow them" (Rev elation 14:13). See also Philippians 1:21,23; 2 Corinthians 5:1.

1. Death is real - We must face this fact (Hebrews 9:27).

2. Have you made preparation for death?

**IV. A home in Heaven is in Christ.**

A. "Let not your heart be troubled: ye believe in God believe also in me In my Father s house are many mansions: if it were not so. I would have told you. I go to prepare a place for you. And if go and prepare a place for you. I will come again, and receive you unto myself that where I am there ye may be also" (John 14:1-3). See also I Thessalonians 4:16-18; 1 Corinthians 15:22-24.

1. Heaven is real and so is hell (Matthew 25:46).

2. Are you going to heaven?

**Conclusion:**

If you are not in Christ your life is in a tragic state. What are you going to do about it? Paul said, "For as many of you as have been baptized into Christ have put on Christ" (Galatians 3:27). It would be an honor to baptize you into Christ today!

**- Ken Tyler**

***Printed Book Only***

From :

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)